# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**31 January - 2025**

## ବଜେଟ୍ ଅଧିବେଶନ

ସଂସଦର ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହେବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅଧିବେଶନର ପ୍ରଥମ ଦିନରେ ଉଭୟ ଗୃହକୁ ସମ୍ବୋଧନ କରିବେ । ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରାଯିବ । ଆସନ୍ତାକାଲି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ବଜେଟ୍ ଉପସ୍ଥାପନ କରିବେ । ସୂଚନା ଅନୁଯାୟୀ ଫେବୃୟାରୀ ୧୩ ତାରିଖ ପର୍ଯ୍ୟନ୍ତ ବଜେଟ୍ ଉପରେ ଆଲୋଚନା ହେବ । ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୦ ତାରିଖରୁ ଆରମ୍ଭ ହେବ । ବଜେଟ୍ ଅଧିବେଶନ କାଳରେ ୧୬ଟି ବିଲ୍ ଉପସ୍ଥାପନ କରାଯିବା ଲାଗି ତାଲିକାଭୁକ୍ତ ହୋଇଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ।

## ବଜେଟ୍ ପ୍ରତିକ୍ରିୟା

ବଜେଟ୍‌ର ରୂପରେଖ ଏବଂ ବଜେଟ୍‌କୁ ନେଇ ବିଶେଷଜ୍ଞ, ଅର୍ଥନୀତିଜ୍ଞ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ବହୁ ଆଶା ଓ ଆକାଂକ୍ଷା ଦେଖା ଦେଇଛି । ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ସମାଜର ବିଭିନ୍ନ ବର୍ଗର ଲୋକଙ୍କଠାରୁ

ପ୍ରାକ୍ ବଜେଟ୍ ପ୍ରତିକ୍ରିୟା ସଂଗ୍ରହ କରାଯାଇଛି । ଏ ନେଇ **ନବରଙ୍ଗପୁରର** ଅବସରପ୍ରାପ୍ତ ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଡକ୍ଟର ବିଜୟ ମିଶ୍ର କହିଛନ୍ତି...

**- V/O –**

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆସନ୍ତା ୩ ତାରିଖ ସୋମବାର ଦିନ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିବେ । ଆଜି ଦିନ ୧୧ଟା ଠାରୁ ଅଭିଯୋଗ ଗୁଡ଼ିକର ଅନ୍‌ଲାଇନ୍ ପଞ୍ଜିକରଣ ଆରମ୍ଭ ହେବ । ସର୍ବାଧିକ ଏକ ହଜାର ଅଭିଯୋଗ ପଞ୍ଜିକରଣ କରାଯାଇପାରିବ । ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ **janasunani.odisha.gov.in** ରେ ଅଭିଯୋଗ ପଞ୍ଜିକରଣ କରିପାରିବେ ।

## ଇ-କେଓ୍ୱାଇସି

ରାସନକାର୍ଡ ହିତାଧିକାରୀଙ୍କ ପାଇଁ ଇ-କେଓ୍ୱାଇସି କରିବାର ସମୟ ସୀମାକୁ ଆସନ୍ତା ମାସ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି ହିତାଧିକାରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ।

## ବସ୍ ବାତିଲ

ଓଡ଼ିଶା ରାଜ୍ୟ ଓ ସଡକ ପରିବହନ ନିଗମ-ଓଏସ୍ଆରଟିସି ପକ୍ଷରୁ ଉତ୍ତରପ୍ରଦେଶର ପ୍ରୟାଗରାଜକୁ ଯାଉଥିବା ସ୍ୱତନ୍ତ୍ର ବସ୍ ସେବାକୁ ରାଜ୍ୟ ସରକାର ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ବାତିଲ କରିଛନ୍ତି। କୁମ୍ଭ ମେଳାରେ ମୌନୀ ଅମାବାସ୍ୟା ଅବସରରେ ୩୦ ତୀର୍ଥଯାତ୍ରୀଙ୍କର ମୃତ୍ୟୁ ଏବଂ ଦଳାଚକଟା ଘଟଣାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଚଳିତ ମାସ ୧୨ ତାରିଖଠାରୁ ଓଏସ୍ଆରଟିସି ପକ୍ଷରୁ ୮ଟି ବସ୍ ଆସନ୍ତା ମାସ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିଲା। ଯେଉଁମାନେ କୁମ୍ଭମେଳା ଯିବାପାଇଁ ଆଗୁଆ ଟିକେଟ୍ କରିଥିଲେ ସେମାନେ ମୋବାଇଲ୍ ନମ୍ବର ୯୯୩-୭୫୪୭-୭୭୩କୁ ଯୋଗାଯୋଗ କରି ନିଜର ଟଙ୍କା ଫେରସ୍ତ ପାଇ ପାରିବେ ବୋଲି ଓଏସ୍ଆରଟିସି ପକ୍ଷରୁ କୁହାଯାଇଛି।

## ୟୁପିଆଇ ଆଇଡି କାରବାର

ଆସନ୍ତାକାଲିଠାରୁ ୟୁନଫାଏଡ ପେମେଣ୍ଟ ଇଣ୍ଟରଫେସ୍ - ୟୁପିଆଇ ଆଇଡିରେ ବିଶେଷ ଅକ୍ଷର ବା ସ୍ପେଶାଲ କ୍ୟାରେକ୍ଟର ଥିଲେ ବ୍ୟବହାରକାରୀମାନେ ଆର୍ଥିକ କାରବାର କରିପାରିବେ ନାହିଁ । ୟୁପିଆଇ ଆଇଡିରେ କେବଳ ଅକ୍ଷର ଏବଂ ସଂଖ୍ୟା ଥିବା ଆବଶ୍ୟକ । ସାଇବର ଠକେଇକୁ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଇଛି ବୋଲି ଭାରତୀୟ ଜାତୀୟ ଦେୟ ନିଗମ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

# ଶ୍ରୀମନ୍ଦିର-ସରସ୍ୱତୀ ପୂଜା

ପୁରୀ ଶ୍ରୀମନ୍ଦିରରେ ଆସନ୍ତା ୨ ତାରିଖ ରବିବାର ଦିନ ଶ୍ରୀପଞ୍ଚମୀ ନୀତି ଓ ସରସ୍ୱତୀ ପୂଜା ଅନୁଷ୍ଠିତ ହେବ । ଏହି ଦିନ ରଥକାଠ ମଧ୍ଧ ଅନୁକୂଳ ହେବାନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

# ତିହିଡି ମହୋତ୍ସବ

ଭଦ୍ରକ ଜିଲ୍ଲା କାଳିପଡ଼ିଆଠାରେ ତିହିଡି ମହୋତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ୯ଜଣ ପ୍ରତିଭା ସମ୍ପନ୍ନ ବ୍ୟକ୍ତିଙ୍କୁ ସମ୍ବୋଧନ କରିଛନ୍ତି । ମହୋତ୍ସବର ମୁଖ୍ୟଅତିଥି ଭାବେ ଯୋଗଦେଇ ବିକଶିତ ଓଡ଼ିଶା ନିର୍ମାଣ ଦିଗରେ ସମସ୍ତେ ସଂକଳ୍ପ ଗ୍ରହଣ କରିବାକୁ ଶ୍ରୀ ସୂରଜ ଆହ୍ୱାନ ଦେଇଛନ୍ତି ।

# ଜିଲ୍ଲାସ୍ତରୀୟ ପରାମର୍ଶ କର୍ମଶାଳା

କେନ୍ଦୁଝର ଜିଲ୍ଲାରେ ମରୁଡି ପରିଚାଳନା ଯୋଜନା ନିମନ୍ତେ ଜିଲ୍ଲାସ୍ତରୀୟ ପରାମର୍ଶ କର୍ମଶାଳାରେ ମରୁଡ଼ି ପରିଚାଳନା ଯୋଜନାର ଗୁରୁତ୍ୱ ଏବଂ ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରାଯାଇଥିଲା । ମରୁଡି ସମୟରେ ଆବଶ୍ୟକତା ଓ ସମସ୍ୟାର ସମାଧାନ ପାଇଁ ସାମଗ୍ରିକ ଯୋଜନା ପ୍ରସ୍ତୁତି ଉପରେ ପ୍ରଶାସନିକ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ ।

# ପାଣିପାଗ

ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ରବିବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କୁହୁଡିର ପ୍ରଭାବ ରହିବ । ଆସନ୍ତା ସପ୍ତାହ ଶେଷସୁଦ୍ଧା ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବ । ପାଣିପାଗ ବିଭାଗର ସୂଚନା ଅନୁସାରେ ଗତକାଲିଠାରୁ ଉପକୂଳ ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ବୃଦ୍ଧି ପାଇଛି । ପୁରୀରେ ଗତକାଲି ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକ ଠାରୁ ୫ ଦଶମିକ ୨ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇଥିବା ଜଣାପଡିଛି ।

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ର ସେମିଫାଇନାଲ୍ ମ୍ୟାଚ୍ରେ ପୁରୁଷ ବର୍ଗରେ ଆଜି ୨ଟି ମ୍ୟାଚ୍ ଖେଳାଯିବ। ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ରେ ସନ୍ଧ୍ୟା ୬ଟା ସମୟରେ ତାମିଲ୍ନାଡୁ ଡ୍ରାଗନ୍ସ ଓ ବେଙ୍ଗଲ୍ ଟାଇଗର୍ସ ଏବଂ ରାତି ୮ଟା ୧୫ ମିନିଟ୍ରେ ସୁର୍ମା ହକି କ୍ଲବ୍ ଓ ହାଇଦ୍ରାବାଦ ତୋଫାନ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ ।